# ଜଣେ ମନ୍ତ୍ରୀ କଅଣ ପୋଲିସକୁ ନିୟନ୍ତ୍ରଣ କରିପାରିବେ ?

**୧୭.୦୧.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଜଣେ ପୋଲିସ କେବେହେଲେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଚାଲି ନପାରେ । ବରଂ ତାଙ୍କୁ ଆଇନ କାନୁନ ତଥା କ୍ରିମିନାଲ ପ୍ରୋସିଡ଼ିୟର ଅନୁଯାୟୀ ତଦନ୍ତ, ଅନ୍ୱେଷଣ, ଗିରଫ ବା ଦଣ୍ଡ ବିଧାନ କରିବାକୁ ହୁଏ ।

୧୯୬୮ ମସିହାରେ ଜଣେ ବ୍ରିଟିଶ ଜଜ ଡ଼େନିଂ କହିଥିଲେ – ‘‘ ଦେଶର କନେଷ୍ଟବଳ ଯେପରି ହାତରେ ବାଡ଼ି ଧରି ଅଛନ୍ତି ସେଥିପାଇଁ ମୋର ଆଦୌ ଦ୍ୱିଧା ନାହିଁ । କାରଣ ସେ ଜଣେ ନିରପେକ୍ଷ କର୍ମଚାରୀ । ତାଙ୍କୁ କୌଣସି ରାଜ୍ୟ ସଚୀବଙ୍କ ଆଦେଶର ଆବଶ୍ୟକତା ନାହିଁ । ପୋଲିସ କମିଶନରଙ୍କର ମଧ୍ୟ ଏହା କର୍ତ୍ତବ୍ୟ ହେବା ଆବଶ୍ୟକ କି, ମୁଖ୍ୟ କନେଷ୍ଟବଳଙ୍କୁ ଆଇନ ପରିସରରେ କାର୍ଯ୍ୟ କରିବା ସମୟରେ ସହାୟତା କରିବା । ତାହା ଫଳରେ ଯାଇଁ ଦେଶର ନାଗରିକମାନେ ଶାନ୍ତିରେ ବସବାସ କରିପାରିବେ । ସେମାନଙ୍କ ଉପରେ ଦୋଷୀକୁ କିଭଳି ଦଣ୍ଡ ବିଧାନ କରାଯିବ ସେ ହିଁ ସ୍ଥିର କରିବେ । ତାଙ୍କୁ କୌଣସି ମନ୍ତ୍ରୀ ବା ପୋଲିସ ଅଥରିଟି ପରାମର୍ଶ ଦେଇନପାରନ୍ତି । ସେମାନେ କେବଳ ଆଇନ ଆଗରେ ହିଁ କୈଫତ ଦେବେ ।

ଉକ୍ତ ନିୟମଟି ଭାରତର ସୁପ୍ରିମ କୋର୍ଟରେ ୧୯୯୮ ମସିହାରେ ବିନୀତ ନାରାୟନ (ଜୈନ ହାଓଲା) କେଶ ସମୟରେ ସୁପ୍ରିମ କୋର୍ଟରେ ଉଠାଯାଇଥିଲା । ତାହା ଥିଲା – ‘‘ ଜଣେ ପୋଲିଶ ଅଫିସର ଆଇନ କାନୁନର ପରିସର ମଧ୍ୟରେ ବନ୍ଧା । ନୀତି ନିୟମ ଅନୁଯାୟୀ ତାଙ୍କ କ୍ଷମତା ନାଗରିକଙ୍କ ଅଧିକାର ଦେବା, ଧନ ଜୀବନ ରକ୍ଷାରେ ସୀମିତ ଅଟେ । ତାହା ଉଲଘଂନ କଲେ ତାକୁ ଆଇନ ଅନୁଯାୟୀ ଦୋଷୀ ଗ୍ରହଣ କରାଯିବ । ’’

୬ ଜୁଲାଇ ୨୦୦୦ ମସିହାରେ ବିଲାତର ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କ ୧୬ ବର୍ଷର ପୁତ୍ର ଅତ୍ୟଧିକ ମଦ୍ୟପାନ କରିଥିବା ହେତୁ ତାଙ୍କୁ ଲଣ୍ଡନର ପଶ୍ଚିମ ଭାଗରୁ ଗିରଫ କରାଯାଇଥିଲା । ହେଲେ ସେ ନିଜ ପିତାଙ୍କ ସମ୍ମାନ ରକ୍ଷା କରିବାକୁ ନିଜର ଭୁଲ ପରିଚୟ ପ୍ରଦାନ କରିଥିଲେ । ଫଳରେ

ତାଙ୍କୁ ହାଜତରେ ରହିବାକୁ ହୋଇଥିଲା । ତାଙ୍କ ପିତା ଓ ମାତା ସେ ଖବର ପାଇ ପର୍ତ୍ତୁଗାଲରୁ ପହଁଚି ଆସି ନିଜେ ହାଜତକୁ ଆସି ପୁତ୍ରକୁ ସାକ୍ଷାତ କରିଥିଲେ ଓ ତାଙ୍କୁ ଚେତାବଣି ଦେଇ ମୁକ୍ତ କରିନେଇଥିଲେ । ପ୍ରଧାନ ମନ୍ତ୍ରୀ ହୋଇ ମଧ୍ୟ ସେ ନିଜେ ପୋଲିସଙ୍କ ପାଖକୁ ଆସିଥିଲେ । ହେଲେ ପୋଲିସ ତାଙ୍କ ପାଖକୁ ଯାଇ ନଥିଲେ ।

ମାତ୍ର ଖୁବ ଅନୁଶୋଚନାର ସହ କହିବାକୁ ପଡୁଛି ଯେ ଦିଲ୍ଲୀରେ କିଛି ହୋଇଥିବା ବିଦେଶୀ ମହିଳା ହାରାଶ ହୋଇ ପୋଲିସ ପାଖରେ ଅଭିଯୋଗ କରିଥିବା ବେଳେ ସ୍ଥାନୀୟ ମନ୍ତ୍ରୀ ତାଙ୍କୁ ଆଘାତ କରି ବାଧ୍ୟରେ ମେଡ଼ିକାଲ ଯାଞ୍ଚ ପାଇଁ ପଠାଇଥିଲେ ଏବଂ ତାହା ପୋଲିସ କର୍ମଚାରୀଙ୍କ ଦ୍ୱାରା ନୁହେଁ ବରଂ ଆମ ଆଦମୀ ପାର୍ଟି ଦ୍ୱାରା କରାଯାଇଥିଲା । ତେଣୁ ଉକ୍ତ ମନ୍ତ୍ରୀଙ୍କୁ ଏପରି ଅଣନୈତିକ କାର୍ଯ୍ୟକଳାପ ପାଇଁ ପାଉଣା ଦେବାକୁ ହେବ । କେବଳ ଜଣେ ବ୍ୟକ୍ତି, ଏ.ସି.ପି ବି.ଏସ.ଜଖର ଯେ କି ଉକ୍ତ ମନ୍ତ୍ରୀ ମାନଙ୍କୁ ଆଇନ କାନୁନ ପରିସରରେ ରହିବାକୁ କହିଥିଲେ । ଏଭଳି ନିର୍ଭିକ ବ୍ୟକ୍ତିଙ୍କ ପାଖରେ ଆମେ ନତ ମସ୍ତକ ହେଉଅଛୁ ।